# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**18th October - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆସନ୍ତାକାଲି 'କର୍ମଯୋଗୀ ସପ୍ତାହ - ଜାତୀୟ ଶିକ୍ଷା ସପ୍ତାହ' ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।

- ମୁମ୍ବାଇରେ ଆଜିଠାରୁ ଆରମ୍ଭ ହେଲା ଓଡ଼ିଶା ସରକାରଙ୍କ ଦୁଇଦିନିଆ ନିବେଶକ ସମ୍ମିଳନୀ ।

— ନିବେଶପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ଯୋଗାଇ ଦିଆଯିବ, କହିଲେ ମୁଖ୍ୟମନ୍ତ୍ରୀ ।

- ରାଜ୍ୟର ବିଭିନ୍ନ ସ୍ଥାନରେ ପାଳିତ ହେଉଛି ଗଜଲକ୍ଷ୍ମୀ ପୂଜା ।

ଏବଂ

- ରାଜ୍ୟରେ ଆସନ୍ତା ରବିବାର ସକାଳ ପର୍ଯ୍ୟନ୍ତ ବର୍ଷା ହେବା ନେଇ ୧୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ ବିଭାଗ ।

# ପି.ଏମ୍. - କର୍ମଯୋଗୀ ସପ୍ତାହ

ନୂଆଦିଲ୍ଲୀସ୍ଥିତ ଡକ୍ଟର ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'କର୍ମଯୋଗୀ ସପ୍ତାହ-ଜାତୀୟ ଶିକ୍ଷା ସପ୍ତାହ'ର ଶୁଭାରମ୍ଭ କରିବେ । ଏହି ଅବସରରେ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକ ସହଯୋଗରେ ଡୋମେନ୍ ବିଶିଷ୍ଟ ଦକ୍ଷତା ବୃଦ୍ଧିପାଇଁ କର୍ମଶାଳା ଏବଂ ସେମିନାର୍‌ର ଆୟୋଜନ କରାଯାଉଛି । ସୂଚନାଯୋଗ୍ୟ, ମିଶନ୍ କର୍ମଯୋଗୀ ୨୦୨୦ ମସିହା ସେପ୍ଟେମ୍ବର ମାସରେ ଆରମ୍ଭ ହୋଇଥିଲା । ସେବେଠାରୁ ଏହାର ଯଥେଷ୍ଟ ଅଗ୍ରଗତି ହୋଇ ଏହା ଏକ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ସହିତ ଭାରତୀୟ ନୈତିକତା ଆଧାରରେ ଏକ ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରଶାସନିକ ସେବାର କଳ୍ପନା କରାଯାଉଛି । ଜାତୀୟ ଶିକ୍ଷା ସପ୍ତାହ ଏହି କ୍ଷେତ୍ରରେ ଏକ ସର୍ବବୃହତ୍ ଆୟୋଜନ, ଯାହା ସରକାରୀ କର୍ମଚାରୀଙ୍କପାଇଁ ବ୍ୟକ୍ତିଗତ ଏବଂ ସାଙ୍ଗଠନିକ ଦକ୍ଷତା ବିକାଶ ଦିଗରେ ନୂତନ ପ୍ରେରଣା ପ୍ରଦାନ କରିବ । ଏଡି କାର୍ଯ୍ୟକ୍ରମ 'ଗୋଟିଏ ସରକାର' ବାର୍ତ୍ତା ଆରମ୍ଭ କରିବା ସହ ସମସ୍ତଙ୍କୁ ଜାତୀୟ ଲକ୍ଷ୍ୟ ସହ ସମାନ କରି ଆଜୀବନ ଶିକ୍ଷାକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରହିଛି । ପ୍ରତ୍ୟେକ କର୍ମଯୋଗୀ ଅତିକମ୍‌ରେ ୪ ଘଣ୍ଟା ଦକ୍ଷତା ସମ୍ବନ୍ଧୀୟ ଶିକ୍ଷାର ଲକ୍ଷ୍ୟ ହାସଲ କରିବାକୁ ପ୍ରତିଶ୍ରୁତିବଦ୍ଧ ହେବା ଉଚିତ ।

*Desk*

# ସୁପ୍ରିମ୍‌କୋର୍ଟ - ବାଲ୍ୟବିବାହ

ବାଲ୍ୟବିବାହ ନିଷେଧ ଆଇନ୍‌କୁ ବ୍ୟକ୍ତିଗତ ଆଇନ୍ ଦ୍ୱାରା ବନ୍ଦ କରାଯାଇ ପାରିବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି । ସ୍ୱାଧୀନ ଭାବେ ଜୀବନସାଥୀ ଚୟନକୁ ବାଲ୍ୟବିବାହ ଉଲ୍ଲଙ୍ଘନ କରୁଥିବା ସୁପ୍ରିମକୋର୍ଟ କହିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ.ଚନ୍ଦ୍ରଚୂଡ, ଜଷ୍ଟିସ ଜେ.ବି. ପାର୍ଦ୍ଦିୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଦେଶରେ ବାଲ୍ୟବିବାହ ନିବାରଣ ଆଇନ୍‌ର ପ୍ରଭାବଶାଳୀ ରୂପାୟନ ନିମନ୍ତେ ମାର୍ଗଦର୍ଶିକା ଜାରି କରିଛନ୍ତି ।

*Desk*

# ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍

ମୁମ୍ବାଇରେ ଓଡ଼ିଶା ସରକାରଙ୍କ ଦୁଇଦିନିଆ ନିବେଶକ ସମ୍ମିଳନୀ ଆଜିଠାରୁ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ୍ ଅଗ୍ରୱାଲ୍‌ଙ୍କୁ ସାକ୍ଷାତ୍ କରି ରାଜ୍ୟରେ ବେଦାନ୍ତ ଆଲୁମିନିୟମ୍‌ର ସମ୍ପ୍ରସାରଣ ଓ ନିବେଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଲୋଚନା କରିଛନ୍ତି । ଏହାସହ ରାଜ୍ୟାରେ ଖୁବ୍‌ଶୀଘ୍ର ଉତ୍କର୍ଷ ଓଡ଼ିଶା ସମ୍ମିଳନୀର ଆୟୋଜନ କରାଯିବ । ନିବେଶ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ଓ

ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଆସନ୍ତାବର୍ଷ ଜାନୁଆରୀ ୨୮ ଓ ୨୯ ତାରିଖ ଦୁଇଦିନ ଧରି ଓଡ଼ିଶାରେ 'ଉତ୍କର୍ଷ ଓଡ଼ିଶା: ମେକ ଇନ୍ ଓଡ଼ିଶା କନକ୍ଲେଭ -୨୦୨୫' ଆୟୋଜନ ହେବାକୁ ଥିବାବେଳେ ଏଥିରେ ଯୋଗଦେବା ପାଇଁ ଶିଳ୍ପପତିଙ୍କୁ ମୁଖ୍ୟମନ୍ତ୍ରୀ ଆମନ୍ତ୍ରଣ କରିଛନ୍ତି । ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ରାଜ୍ୟ ସରକାରଙ୍କ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଛନ୍ତି । ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ଶିଳ୍ପ ଅନୁକୂଳ ବାତାବରଣ, ସରକାରଙ୍କ ବ୍ୟାପକ ପ୍ରୋତ୍ସାହନ ଏବଂ ନୀତି ସଂପର୍କରେ ଶିଳ୍ପପତିଙ୍କୁ ଅବଗତ କରାଇବେ ।

ମିଳିଥିବା ସୂଚନା ଅନୁଯାୟୀ, ଏହି ନିବେଶକ ସମ୍ମିଳନୀରେ ରାଜ୍ୟରେ ସେମିକଣ୍ଡକ୍ଟର, ଆଇଟି, ପେଟ୍ରୋ କେମିକାଲ୍ସ, ଇଲେକ୍‌ଟ୍ରୋନିକ୍ସ ଓ ଫୁଡ୍ ପ୍ରୋସେସିଂ ପରି କ୍ଷେତ୍ରରେ ରାଜ୍ୟରେ ନିବେଶ ପାଇଁ ଆଲୋଚନା କରାଯିବ। ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ଦେଶ ବିଦେଶର ବହୁ ପ୍ରତିଷ୍ଠିତ ଶିଳ୍ପପତିଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

***HS***

# ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିବା ୫ଟି ଭାଷାର ଅଭିଜ୍ଞ ବିଦ୍ୱାନ୍‌ମାନଙ୍କ ସହ ଆଲୋଚନା

କରିଛନ୍ତି । ପାଲି, ପ୍ରାକୃତ, ମରାଠୀ, ବଙ୍ଗଳା ଏବଂ ଅସମୀୟା ଭାଷାର ବିଦ୍ୱାନ୍‌ମାନଙ୍କ ସହ ଶ୍ରୀ ପ୍ରଧାନ ଆଲୋଚନା କରିଛନ୍ତି । ଏହି ଅବସରରେ ଆମର ଭାଷାଗୁଡ଼ିକ ଭାରତୀୟତାର ଆତ୍ମା ଏବଂ ଭାରତୀୟ ଭାଷାଗୁଡ଼ିକୁ ଶିକ୍ଷାରେ ପ୍ରୋତ୍ସାହନ ଦେବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଙ୍କଳ୍ପବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

***HS***

# ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୟୁ.ଜି.ସି. ନେଟ୍ ପରୀକ୍ଷାର ସଫଳତା ହାସଲ କରିଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ଛାତ୍ର ଅଜୟ କୁମାର କାଦ୍ରକାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ତାଙ୍କର ନିଷ୍ଠା, ଦୃଢ଼ ଇଚ୍ଛାଶକ୍ତି ଏବଂ ଉଦ୍ୟମ ବଳରେ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସହକାରୀ ପ୍ରାଧ୍ୟାପକ ଭାବେ ସେ ମନୋନୀତ ହୋଇଛନ୍ତି । ଆମ ସମସ୍ତଙ୍କ ପାଇଁ ଏହା ଗର୍ବର ବିଷୟ ମୁଖ୍ୟମନ୍ତ୍ରୀ କହିଛନ୍ତି ।

*HS*

## ରାଜ୍ୟପାଳ-ପୁଲିସ୍ କମିଶନର୍

ଭୁବନେଶ୍ୱର-କଟକ ପୁଲିସ୍ କମିଶନର୍ ଏସ୍. ଦେବଦତ୍ତ ସିଂହ ଆଜି ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି । ରାଜ୍ୟପାଳ ଶ୍ରୀ ସିଂହଙ୍କୁ ତାଙ୍କର ନୂତନ ଦାୟିତ୍ୱ ପାଇଁ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି ବୋଲି ରାଜଭବନ ସାମାଜିକ ଗଣମାଧ୍ୟମ ପୋଷ୍ଟରୁ ସୂଚନା ମିଳିଛି ।

*Desk, Boudh, Kendrapara, Rayagada/R*

## ଗଜଲକ୍ଷ୍ମୀ ପୂଜା

କେନ୍ଦ୍ରାପଡ଼ାରେ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ପାରମ୍ପରିକ ବାଦ୍ୟ, ମଙ୍ଗଳ ନୃତ୍ୟର ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ସମଗ୍ର ସହର ଚଳଚଞ୍ଚଳ ହୋଇଉଠିଛି । ସହରରେ ୮୦ଟି ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି । ୧୦ ଦିନ ପର୍ଯ୍ୟନ୍ତ ସହରର ବିଭିନ୍ନ ସ୍ଥାନରେ ୨୭ ପ୍ଲାଟୁନ୍ ପୁଲିସ୍ ଫୋର୍ସ ଶାନ୍ତିଶୃଙ୍ଖଳା ରକ୍ଷାକରିବାକୁ ମୁତୟନ ହୋଇଛନ୍ତି ।

ଢେଙ୍କାନାଳରେ ଚାଲିଥିବା ମା' ଗଜଲକ୍ଷ୍ମୀ ପୂଜାରେ ବିଭିନ୍ନ ମଣ୍ଡପରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଚଳିତ ବର୍ଷ ୬ଟି ପୂଜା ଅନୁଷ୍ଠାନ ପକ୍ଷରୁ ଚାନ୍ଦିମେଢ଼ କରାଯାଇଛି।

ସେହିପରି ରାୟଗଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି । ଏହି ଲକ୍ଷ୍ମୀପୂଜାରେ ଅନୁଷ୍ଠିତ କଳସ ଯାତ୍ରାରେ ଆଦିବାସୀ କଲ୍ୟାଣ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସାମିଲ୍ ହୋଇଥିଲେ ।

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍‌ରେ ଗଜଲକ୍ଷ୍ମୀ ପୂଜା ଅବସରରେ ମୁରାସୁର ଦରବାର କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି । ସାର୍ବଜନୀନ କଲ୍ୟାଣମଣ୍ଡପଠାରେ ଏହି ନାଟକ ମଞ୍ଚସ୍ଥ ହୋଇଥିଲା ।

***Desk***

# ଆଡ୍‌ଭୋକେଟ୍ କମିଟି

ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଡ୍‌ଭୋକେଟ୍ କମିଟି ଦ୍ୱିତୀୟ ଥରପାଇଁ ଆଜି ଏସ୍.ସି.ବି. ମେଡିକାଲ୍ କଲେଜର ବିଭିନ୍ନ ୱାର୍ଡ଼ ବୁଲି ସମୀକ୍ଷା କରିଛନ୍ତି । କମିଟି ଅଧ୍ୟକ୍ଷ ବିଜୟ କୁମାର ଦାସ, କଟକ ମହାନଗର ନିଗମ କମିଶନର, ମେଡିକାଲ୍ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ସହ ଏକ ମିଳିତ ବୈଠକରେ ମେଡିକାଲ୍ କଲେଜରେ ଥିବା ବିଭିନ୍ନ ସମସ୍ୟା ପ୍ରସଙ୍ଗରେ ଆଲୋଚନା କରିଥିଲେ ।

***HS***

# ପୂର୍ବତଟ ରେଳବାଇ - ଆତସବାଜି

ଆଗକୁ ଦୀପାବଳି ପର୍ବ ଆସୁଥିବାରୁ ପୂର୍ବତଟ ରେଳପଥ ପକ୍ଷରୁ ଦହନଶୀଳ ଆତସବାଜି  ଏବଂ ଅନ୍ୟାନ୍ୟ ଜ୍ୱଳନ୍ତ ସାମଗ୍ରୀର ବେଆଇନ ପରିବହନ ବିରୋଧରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି । ଯାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ରେଳବାଇ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଯାତ୍ରା ସମୟରେ କୌଣସି ଜ୍ୱଳନ୍ତ କିମ୍ବା ବିସ୍ଫୋରକ ସାମଗ୍ରୀ ଟ୍ରେନ୍‌ରେ ନ ନେବାପାଇଁ ବିଭାଗ ପକ୍ଷରୁ ନିବେଦନ କରାଯାଇଛି । ଯଦି ଏପରି କିଛି ଘଟଣା ଦୃଷ୍ଟିକୁ ଆସେ, ତେବେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରେଳ କର୍ତ୍ତୃପକ୍ଷ କହିଛନ୍ତି । ଏ ସଂକ୍ରାନ୍ତରେ କୌଣସି ସୂଚନା ପାଇଲେ ରେଳବାଇ ହେଲ୍‌ପ୍‌ଲାଇନ୍ ନମ୍ବର ୧୩୯କୁ କଲ୍ କରିବାକୁ ବିଭାଗ ପକ୍ଷରୁ ନିବେଦନ କରାଯାଇଛି ।

***Gajapati/R***

# ସମ୍ପୂର୍ଣ୍ଣତା ଅଭିଯାନ

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ପୂର୍ଣ୍ଣତା

ଅଭିଯାନର ଜିଲ୍ଲାସ୍ତରୀୟ ସମାପନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି, ଅପପୁଷ୍ଟି ହ୍ରାସ, ଶିଶୁ ଟିକାକରଣ ଏବଂ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ଼ ବଣ୍ଟନ ଉପରେ ବିଶେଷ ଦୃଷ୍ଟି ଦେବାକୁ ଜିଲ୍ଲାପାଳ ବିଜୟ କୁମାର ଦାସ ପରାମର୍ଶ ଦେଇଥିଲେ ।

*Nayagarh/R*

## ସମୀକ୍ଷା ବୈଠକ

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା କାର୍ଯ୍ୟାଳୟ ସଭାଗୃହରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକ୍ଷମ ଥିବା ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିବା ଓ ନୂତନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଉପରେ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍ ଏହି ବୈଠକର ସଂଯୋଜନା କରି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

*Desk*

## ଡି.ଜି.ପି. - ବୌଦ୍ଧ ଗସ୍ତ

ପୁଲିସ୍ ମହାନିର୍ଦ୍ଦେଶକ ଓ୍ୱାଇ.ବି. ଖୁରାନିଆ ବୌଦ୍ଧ ଜିଲ୍ଲା ଗସ୍ତ କରି ମାଓ ଗତିବିଧି ଓ ଆଇନ ଶୃଙ୍ଖଳାର ସମୀକ୍ଷା କରିଛନ୍ତି। ବୌଦ୍ଧ ପୁଲିସ ମୁଖ୍ୟାଳୟ ପରିଦର୍ଶନ ପରେ ଏକ ବୈଠକରେ ମାଓ ସମସ୍ୟା ଓ ଗଞ୍ଜେଇ ଚାଷକୁ କିଭଳି ରୋକାଯାଇପାରିବ, ସେ ବିଷୟରେ ଡି.ଜି. ଆଲୋଚନା କରିଛନ୍ତି । ଜିଲ୍ଲାରେ ପୁଲିସ ଭିତ୍ତିଭୂମି ସୁଦୃଢ଼ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ବୈଠକରେ ଡି.ଜି କହିଛନ୍ତି।

*Sonepur/R*

## ଯୁଗାର ଯାତ୍ରା

ସୁବର୍ଣ୍ଣପୁରରେ ମା' ମାଣିକେଶ୍ୱରୀଙ୍କ ଯୁଗାର ଯାତ୍ରା ଆଜିଠାରୁ ଅନୁଷ୍ଠିତ ହୋଇଛି । ଜିଲ୍ଲା କୈବର୍ତ୍ତ ସମାଜ ପକ୍ଷରୁ ଏକ ଭବ୍ୟ ଯୁଗାର ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । କୈବର୍ତ୍ତ ସମ୍ପ୍ରଦାୟର ଇଷ୍ଟଦେବୀ ମା' ମାଣିକେଶ୍ୱରୀ ଅଷ୍ଟମ-ନବମ ଶତାବ୍ଦୀରୁ ପୂଜା ପାଇଆସୁଥିବାବେଳେ ବର୍ଷକରେ ଥରେ ଦେବୀଙ୍କ ସ୍ୱତନ୍ତ୍ର ଯୁଗାର ଯାତ୍ରା ଓ ଶାରଦୀୟ ପର୍ବ ଅନୁଷ୍ଠିତ ହୋଇଥାଏ ।

# ପାଣିପାଗ

ଉତ୍ତର ଆଣ୍ଡାମାନ ସାଗରରେ ଆସନ୍ତା ରବିବାର ଦିନ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏହାର ପ୍ରଭାବରେ ୨୨ ତାରିଖ ବେଳକୁ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ସହ ଅଧିକ ଘନୀଭୂତ ହୋଇ ୨୪ ତାରିଖ ସୁଦ୍ଧା ଅବପାତର ରୂପ ନେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ରବିବାର ସକାଳ ପର୍ଯ୍ୟନ୍ତ ରାଜ୍ୟର ୧୪ଟି ଜିଲ୍ଲାରେ ବର୍ଷା ହେବାନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ସୂଚନା ଜାରି କରାଯାଇଛି । ସେହି ଜିଲ୍ଲାଗୁଡିକ ହେଲା ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ।

*****